## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କୋରାପୁଟ

## ( ଭୂ-ଅର୍ଜନ ଉପବିଭାଗ )

## <u>ସର୍ବସାଧାରଣ ନୋଟିସ</u>

ଜ୍ଞାପକ ସଂଖ୍ୟା ୫୮ /୨୦୨୬ ତାରିଖ :- ୨୦.୦୧.୨୦୨୬

ଏତଦ୍ୱାରା ବୋରିଗୁମା ତହସିଲ ଅନ୍ତର୍ଗତ ଝିଲିମିଲି, ବୋରିଗୁମା ଓ ଖୁଡିଗୁଡା ଗ୍ରାମର ସର୍ବସାଧାରଣ ଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ବୋରିଗୁମା ସହର ବାହ୍ୟ ଦେଇ ଯାଉଥିବା "Boriguma Bypass" ନିର୍ମାଣ ପାଇଁ ଉକ୍ତ ଗ୍ରାମ ଗୁଡିକର ର ଜମି ଅଧୀଗ୍ରହଣ କରାଯାଇଅର୍ଜିତ ହୋଇଥିବା ଭୂମି ପାଇଁ Right to Fair Compensation and Transparency in Land Acquisition, Rehabilitation and Resettlement Act, 2013 ଅନୁଯାୟୀ କ୍ଷତିପୂରଣ ମୂଲ୍ୟ ନିର୍ଦ୍ଧାରଣ କରାଯାଇ ଆୱାର୍ଡ ପ୍ରସ୍ତୁତ କରାଯାଇଛି।

ଏଣୁ ଯେଉଁ ଦାବିଦାରମାନେ ଏଯାବତ କୌଣସି କାରଣ ବଶତଃ କ୍ଷତିପୂରଣ ରାଶି ଗ୍ରହଣ କରିନାହାନ୍ତି ସେମାନଙ୍କୁ ସୂଚିତ କରିଦିଆଯାଉଛି ଯେ, ଏହି ସୂଚନା ପ୍ରକାଶ ପାଇବାର ୦୭(ସାତ) ଦିନ ମଧ୍ୟରେ ଭୂଅର୍ଜନ ଅଧିକାରୀଙ୍କ କାର୍ଯ୍ୟାଳୟ, କୋରାପୁଟ ରେ ଉପସ୍ଥିତ ହୋଇ ନିଜ ପରିଚୟ, ମାଲିକାନା ପ୍ରମାଣ ଓ ବ୍ୟାଙ୍କ ଖାତା ବିବରଣୀ ଦାଖଲ କରି କ୍ଷତିପୂରଣ ରାଶି ଗ୍ରହଣ କରନ୍ତୁ। ଯଦି ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ କୌଣସି ଦାବିଦାର ଉପସ୍ଥିତ ନହୁଅନ୍ତି, କିମ୍ବା କ୍ଷତିପୂରଣ ଗ୍ରହଣ କରିବାକୁ ଅସ୍ୱୀକାର କରନ୍ତି, କିମ୍ବା ମାଲିକାନା ବିବାଦ ଥାଏ, ତେବେ NH Act 1956 ଆଇନର ଧାରା 3-H(4), ଅନୁଯାୟୀ ସମ୍ପୃକ୍ତ କ୍ଷତିପୂରଣ ରାଶି Principal Civil Court ରେ ଜମା କରାଯିବ। ଏହା ପରେ କୌଣସି ଅଭିଯୋଗ କିମ୍ବା ଆପତ୍ତି ଗ୍ରହଣଯୋଗ୍ୟ ହେବ ନାହିଁ।

20/1/26

ଡେପୁଟି କଲେକ୍ଟର(ରାଜସ୍ୱ)-ତଥା- ଭୂ-ଅର୍ଜନ ଅଧିକାରୀ

(କ୍ଷମତା ପ୍ରାପ୍ତ ଅଧିକାରୀ), କୋରାପୁଟ.

ଡେପୁଟି - ଜିଲ୍ଲାପାଳ (ରାଜସ୍ୱ) ତଥା
କ୍ଷମତାପନ୍ନ ପ୍ରାଧିକାରୀ ଭୂ-ଅର୍ଜନ,
କୋରାପୁଟ